ଶନିବାର, ୨୯ ନଭେମ୍ବର, ୨୦୨୫

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ 52 Years



୭ ଜଣାଅଜଣା

୬ କହିଲ ଦେଖି

୩ ଶିଶୁ ପ୍ରତିଭା

ଗପ

# ସୁନେଲି ମାଛ



ବିଦ୍ୟାଳୟ ଛୁଟି ଥାଏ। କୁନୁ ଭାରି ଖୁସି। ଏବେ ସିଏ ମନଖୋଲି ବୁଲିବ, ସାଙ୍ଗଙ୍କ ସହ ଖେଳିବ। ୫ମ ଶ୍ରେଣୀର ଛାତ୍ର ସେ। ଯେମିତି ପାଠରେ ସେମିତି ବିଚକ୍ଷଣ ବୁଦ୍ଧି। ତାଙ୍କ ଗାଁ ମୁଣ୍ଡରେ ଗୋଟେ ଛୋଟ ପୋଖରୀ ଥାଏ। ସେଇଠି ସବୁ ଛୁଆ ମିଶି ଖେଳନ୍ତି। କୁନୁ ଦିନେ ଖେଳୁ ଖେଳୁ ସମସ୍ତଙ୍କୁ କହିଲା– ପୋଖରୀ ଚାରିପଟଟା ଖାଲି ଦିଶୁନି ? ଚାଲ ଗଛ ପୋତିବା ସମସ୍ତେ। କଥାଟା ସମସ୍ତଙ୍କ ମନକୁ ପାଇଲା। ଯିଏ ଯାହା ଘରୁ ଯେଉଁ ଗଛ ପାରିଲା ତୁଳସୀ ହେଉ, ଗେଣ୍ଡୁ ହେଉ କି ମନ୍ଦାର ହେଉ ନେଇ ତା’ ପରଦିନ ହାଜର। ସଭିଏ ମିଶି ଗଛ ପୋତିଲେ ଆଉ ପୋଖରୀରୁ ପାଣି ଷଢ଼େଇରେ ଆଣି ଦେଲେ। ତାଙ୍କର ଏଇସବୁ କାମ ଗୋଟେ ସୁନେଲି ମାଛ ପୋଖରୀରୁ ଦେଖୁଥିଲା।

ଦିନେ କୁନୁ ପୋଖରୀ କୂଳରେ ଏକୁଟିଆ ବସିଥାଏ। ସୁନେଲି ମାଛଟି ତାକୁ ଡାକିଲା। ଶୁଣ, ମୋ କଥା ଶୁଣ ? କୁନୁ ଚମକି ପଡ଼ିଲା। ଚାରିଆଡ଼େ ଚାହିଁଲା କେହି ତ ନାହାନ୍ତି। ମତେ କିଏ ଡାକୁଛି ! ମାଛଟି କହିଲା ମୁଁ ଡାକୁଛି। ମୁଁ ସୁନେଲି ମାଛ। ମାଛ କ’ଣ କଥା କୁହେ ? କୁନୁ ଡରିଗଲା। ସେ ଭାବିଲା ଇଏ ଗପରେ ପଢିଥିବା ରାକ୍ଷସ ନୁହେଁ ତ। ସେ ସେଠାରୁ ଧାଇଁ ପଳେଇଲା। ତା’ପରଦିନ ପୁଣି ସେ ଗଲା ଆଉଥରେ ସମସ୍ତେ ଆସିବା ପୂର୍ବରୁ। କେହି ନ ଥିଲେ ପୁଣି ସୁନେଲି ମାଛ ଡାକିଲା। କହିଲା ଡର ନାହିଁ। ମୋ ପାଖକୁ ଆସ। ମୋ ସାଙ୍ଗ ହୁଅ। କୁନୁ ଡରି ଡରି କହିଲା, ମାଛ କ’ଣ କଥା କୁହେ ? ସୁନେଲି ମାଛ କହିଲା ମୁଁ ଏମିତି ସେମିତି ମାଛ ନୁହେଁ। ମୁଁ କୁହୁକ ମାଛ। କୁନୁ ଆଶ୍ଚର୍ଯ୍ୟ ହୋଇ କହିଲା ସତରେ ? ତମେ ଏଠିକି କେମିତି ଆସିଲ ? ସୁନେଲି ମାଛ କହିଲା ବର୍ଷା ଦିନେ ନଈବଢ଼ି ବେଳେ ଆସିଗଲି। ସେବେଠୁ ଏଇଠି ଅଛି ମୁଁ। ସାଙ୍ଗ ଖୋଜୁଛି ହେଲେ ପାଉନାହିଁ। ତମେ ମୋ ସାଙ୍ଗ ହେବ ? କୁନୁ ଏବେ ଖୁସିରେ କହିଲା ହଁ ! ମାଛ କହିଲା, ଏକଥା ଆଉ କାହାକୁ କହିବ ନାହିଁ। ତମେ ଆସି ମତେ ଡାକିଲେ ମୁଁ ଆସିବି। ଆମେ ଗପିବା। କୁନୁ ଭାରି ଖୁସି ତାକୁ ନୂଆ ସାଙ୍ଗ ମିଳିଛି। ସେ ସବୁଦିନ ଆସେ ଆଉ ମାଛ ପାଇଁ କିଛି ନା କିଛି ଖାଇବା ଧରି ଆସେ। ଦୁହେଁ ଖୁବ୍ ଗପନ୍ତି ଆଉ ହସନ୍ତି। ସୁନେଲି ମାଛ ସେଇ ପୋଖରୀ ଭିତରୁ ଗୋଟେ ଗୋଟେ ରୁପା ପଇସା ଦିଏ। କୁନୁ ତାକୁ ଆଣି ରଖେ ପାଖରେ। ଏମିତି ୩–୪ ମାସ ବିତିଗଲା। ଥରେ କୁନୁର ଗୋଟେ ସାଙ୍ଗ ଲୁଚି ଲୁଚି ଦେଖିଲା କୁନୁ କାହା ସହ ଗପୁଛି। ସେ କୂଟ ଚକ୍ରାନ୍ତ କଲା। ସେ କୁନୁକୁ ଫୁସୁଲେଇ ସୁନେଲି ମାଛ କଥା ପଚାରିଲା। କୁନୁ କିନ୍ତୁ କହିଲାନି। ତା’ ସାଙ୍ଗ କହିଲା ମୁଁ ସବୁ ଜାଣିଛି ମୁଁ ସମସ୍ତଙ୍କୁ କହିଦେବି ଏକଥା। ଗାଁ ଲୋକ ସେ ମାଛକୁ ଧରି ମାରିଦେବେ। କୁନୁ ଡରିଗଲା। କହିଲା ନା ଏମିତି କରନା। କ’ଣ ପାଇଁ ତା’ ସାଙ୍ଗରେ ଲାଗୁଛୁ ? ତା’ସାଙ୍ଗ କହିଲା ତା’ହେଲେ ତୁ ତାକୁ ଡାକ ଏବେ ଆଉ ମତେ ସୁନା ପଇସା ଦେବାକୁ କହ।

କୁନୁ ବାଧ ହୋଇ ମାଛକୁ ଡାକିଲା। ହେଲେ ମାଛ ଆସିଲାନି। ମାଛ ପାଣି ଭିତରୁ କହିଲା। କୁନୁ ସଙ୍ଗାତ ତୁମେ ସିନା ଭଲପିଲା ଆଉ ସରଳ ବୋଲି ତମକୁ ମୁଁ ଦେଖାଦିଏ। କିନ୍ତୁ ତୁମ ସାଙ୍ଗ ଭଲ ନୁହେଁ ଦୁଷ୍ଟ। ତେଣୁ ତାଙ୍କୁ ଦେଖାଦେବିନି। ତା’ପରେ ଆର ପିଲାଟି ରାଗରେ ସମସ୍ତଙ୍କୁ ଯାଇ ସୁନେଲି ମାଛ ଆଉ ରୁପା ଟଙ୍କା କଥା କହିଦେଲା। ଲୋକେ ତା’ କଥା ବିଶ୍ୱାସ କରି ପୋଖରୀ ପାଣି ଶୁଖେଇ ଦେଲେ। କିନ୍ତୁ ସୁନେଲି ମାଛକୁ ପାଇଲେ ନାହିଁ। ସୁନେଲି ମାଛ କେଉଁଆଡ଼େ ଉଭେଇ ଗଲା ଓ କହିଲା ମୁଁ କେବଳ କୁନୁକୁ ଦେଖାଦିଏ ଆଉ କାହାକୁ ନୁହେଁ। କୁନୁ ବହୁତ କାନ୍ଦିଲା। ଆଉ ମାଛ ଦେଇଥିବା ରୁପା ଟଙ୍କା ତା’ ବାପାଙ୍କୁ ଦେଲା। ତା’ ବାପା ସେଇ ଟଙ୍କାକୁ ନେଇ ଗାଁ ସରପଞ୍ଚଙ୍କୁ ଦେଲେ। ଆଉ ସେଇ ପଇସାରେ ପୋଖରୀ ଚାରିପଟେ ପାଚେରି ଆଉ ବାଡ଼ ଦିଆଗଲା। ସୁନେଲି ମାଛ ନାଁରେ ସେ ପୋଖରୀ ନାମ ସୁନେଲି ମାଛକୁଣ୍ଡ ରଖାଗଲା। କୁନୁ ସହ ସୁନେଲି ମାଛର ସମ୍ପର୍କ କଥା ଚାରିଆଡ଼େ ବ୍ୟାପିଗଲା। ସମସ୍ତେ ତା’ ଭଲ କାମ ଓ ସରଳତାର ପ୍ରଶଂସା କରୁଥିଲେ।

**– ସୁଶ୍ରୀ ସଙ୍ଗୀତା ସେଠୀ**
ଯାଜପୁର

## ଖିଲି ଖିଲି ହସ

ରୋଗୀଟିଏ ଡାକ୍ତରଙ୍କ ନିକଟକୁ ଗଲେ। ଡାକ୍ତର: କ’ଣ ହୋଇଛି ତୁମର ?
ରୋଗୀ: ସାର୍ – ମୋ କାନରେ ମଟର ଗଛ ଉଠିଛି
ଡାକ୍ତର: ଏହା ତ ବଡ ଆଶ୍ଚର୍ଯ୍ୟ କଥା
ରୋଗୀ: ଆଜ୍ଞା ସାର୍, ଆହୁରି ଆଶ୍ଚର୍ଯ୍ୟ କଥା ହେଲା ମୁଁ ତ ମୋ କାନରେ ଭେଣ୍ଡି ମଞ୍ଜି ପକାଇଥିଲି।

ନରେଶ ତା ପୁଅକୁ ମାରୁଥିଲା। ଏହାଦେଖି ଜଣେ ବ୍ୟକ୍ତି ପଚାରିଲେ କାହିଁକି ମାରୁଛ ?
ନରେଶ: ଡାକ୍ତର କହିଥିଲେ ମେଡିସିନ୍ ଦେବା ସମୟରେ ତାକୁ କୁଟିକି ଦେବ।

ରାଜୁ: ମେଡିସିନ୍ ଷ୍ଟୋରକୁ ଯାଇ କହିଲା– ଭାଇ ଗୋରା କରୁଥିବା କୌଣସି କ୍ରିମ୍ ଅଛି।
ମେଡିସିନ୍ ଷ୍ଟୋର ବାଲା କହିଲା– ହଁ ଅଛି।
ରାଜୁ: ତେବେ ଲଗାଉନ କାହିଁକି, ପ୍ରତିଦିନ ତୁମ ମୁହଁ ଦେଖି ମୋତେ ଡର ଲାଗୁଛି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ଉଲ୍‌ରୁ ଟୁଥ୍‌ପେଷ୍ଟ

ମେଣ୍ଢା ଲୋମରୁ ଉଲ୍ ତିଆରି ହୋଇଥାଏ। ଆଉ ଏଥିରୁ ବିଭିନ୍ନ ପ୍ରକାରର ବସ୍ତ୍ର ତିଆରି ହୁଏ ଏକଥା ପ୍ରାୟ ସମସ୍ତେ ଜାଣନ୍ତି। ହେଲେ ପ୍ରଥମ ଥର ପାଇଁ ଏଥିରୁ ଟୁଥ୍‌ପେଷ୍ଟ ବି ତିଆରି ହୋଇଛି। ଲଣ୍ଡନର କିଂସ କଲେଜର ବୈଜ୍ଞାନିକମାନେ ଏଭଳି ଏକ ସଫଳତା ହାସଲ କରିଛନ୍ତି। ତେବେ ଏହି ପ୍ରକାରର ଟୁଥ୍‌ପେଷ୍ଟ ଦାନ୍ତର ପୁନର୍ଗଠନ ପ୍ରକ୍ରିୟାରେ ଅନେକାଂଶରେ ସାହାଯ୍ୟ କରିବ ବୋଲି ଜଣାଇଛନ୍ତି ଏହି ବୈଜ୍ଞାନିକମାନେ।

ସାଧାରଣତଃ ବୟସ୍କମାନଙ୍କ ଦାନ୍ତ ଥରେ ନଷ୍ଟ ହେଲେ ତା’ର ପୁନର୍ଗଠନ ହୋଇ ନ ଥାଏ। ବିଭିନ୍ନ ପ୍ରକାରର ଖାଦ୍ୟ, ପାନୀୟ କିମ୍ବା ଏସିଡିଟି ଆଦି କାରଣ ଯୋଗୁ ଦାନ୍ତ ଉପରେ ଥିବା ଏନାମେଲ୍ ଧୀରେ ଧୀରେ ନଷ୍ଟ ହୋଇଯାଏ। କିନ୍ତୁ ଏହି ଟୁଥପେଷ୍ଟ କେରାଟିନ୍ ମାଧ୍ୟମରେ ଦାନ୍ତ ଉପରେ ଏନାମେଲ୍ ତିଆରି କରିବାରେ ସାହାଯ୍ୟ କରିବ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି। ବିଭିନ୍ନ ପ୍ରାଣୀଙ୍କର ଶିଙ୍ଗ, ଖୁରା, ପର ଆଦି ଭଳି ମେଣ୍ଢା ଲୋମରେ ମଧ୍ୟ କେରାଟିନ୍ ରହିଛି। ତେଣୁ ଏହି ଟୁଥ୍‌ପେଷ୍ଟ ପ୍ରାକୃତିକଭାବରେ ଯେତେବେଳେ ଲାଳ ସହିତ ମିଶିବ ସେ ସମୟରେ ଦାନ୍ତରେ ଏନାମେଲ ଭଳି ଏକ ଆବରଣ ତିଆରି କରିପାରିବ। ତେବେ ଏହି ଟୁଥ୍‌ପେଷ୍ଟଟି ପ୍ରାୟ ୨ରୁ ୩ ବର୍ଷ ମଧ୍ୟରେ ବଜାରକୁ ଆସିବ ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି।




## ମତାମତ

- ‘ଶୀତକୁ କିଆଁ ଡର’ ଗପଟି ପଢ଼ି ଭଲ ଲାଗିଲା।

**–ଶୁଭମ ଦାସ, କଟକ**

- ‘ପେଟ୍ ରଖୁଥିଲେ..’ ବିଷୟଟି ବେଶ୍ ଶିକ୍ଷଣୀୟ ହୋଇପାରିଛି।

**–ତନୁଜା ରାଉତ, ଯାଜପୁର**


- ଗତ ସପ୍ତାହରେ ପ୍ରକାଶିତ କବିତାଗୁଡିକ ମନକୁ ଛୁଇଁ ପାରିଛି।

**–ବିବେକ ମହନ୍ତ, ଅନୁଗୋଳ**

- ଗତ ସପ୍ତାହରେ ‘ଆଇନା’ ସ୍ତମ୍ଭରେ ପ୍ରକାଶିତ ଫଟୋ ବେଶ୍ ସୁନ୍ଦର ହୋଇଛି।

**–ତପସ୍ୱିନୀ ମହାନ୍ତି, ରାଉରକେଲା**

## ରଙ୍ଗ ଦିଅ



## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

ଶିଶୁ ପ୍ରତିଭା

# ପ୍ରେରଣାରୁ ମିଳିଛି ପରିଚୟ



**ଦିନେ ସଉକରେ ସେ ଶିଖିବା ଆରମ୍ଭ କରିଥିଲେ ସୁଇମିଂ। ହେଲେ ଏବେ ଏହା ପାଲଟିଛି ଜୀବନର ଲକ୍ଷ୍ୟ। ସେଥିପାଇଁ ତ ନିରନ୍ତର ଅଭ୍ୟାସ ଜାରି ରଖିଛନ୍ତି ଆଉ ଏବେ ଜାତୀୟ ସ୍ତରରେ ପରିଚୟ ସୃଷ୍ଟି କରିପାରିଛନ୍ତି। ଏଭଳି ଜଣେ କୁନି ପ୍ରତିଭା ହେଉଛନ୍ତି କୋମଲ କ୍ରିଷ୍ଣା...**

କୋମଲ ଡିଏଭି ସ୍କୁଲରେ ଷଷ୍ଠ ଶ୍ରେଣୀର ଛାତ୍ରୀ। ଭୁବନେଶ୍ୱରର ରଘୁନାଥପୁରରେ ରହୁଛନ୍ତି। ବାପା ବିଶ୍ୱଜିତ୍ ବରାଳ ସିଲିକନ୍ ୟୁନିଭର୍ସିଟିର ପ୍ରଫେସର ଅଛନ୍ତି। ମା’ ପ୍ରିୟଦର୍ଶିନୀ ଦାଶ ଗୃହିଣୀ। ପାଠପଢ଼ା ସାଙ୍ଗକୁ ସୁଇମିଂ କ୍ଷେତ୍ରରେ କୋମଲ ଏବେ ଜିଲା ତଥା ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତକାର୍ଯ୍ୟ ହୋଇଛନ୍ତି। ଦୁଇବର୍ଷ ହେଲାଣି ଜାତୀୟ ସ୍ତରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି।

ମାତ୍ର ୮ ବର୍ଷ ବୟସରୁ କୋମଲ ପ୍ରଥମେ ସୁଇମିଂ ଶିଖିବା ଆରମ୍ଭ କରିଥିଲେ। ସୁଇମିଂ ଏକ ଭଲ ଏକ୍ସରସାଇଜ୍। ଏଇ କଥା ଭାବି ଶାରୀରିକ ସୁସ୍ଥତା ପାଇଁ ତାଙ୍କ ମା’ ପ୍ରିୟଦର୍ଶିନୀ ତାଙ୍କୁ ପହଁରା ଶିଖିବାକୁ କଳିଙ୍ଗ ଷ୍ଟାଡିୟମ୍‌ରେ ଭର୍ତ୍ତି କରାଇଥିଲେ। ସକାଳ ସାଢେ ୫ଟା ବେଳକୁ ଆରମ୍ଭ ହୁଏ ଅଭ୍ୟାସ। ତେବେ ଏତେ କମ୍ ବୟସରୁ କୋମଲ ନିଷ୍ଠାର ସହିତ ପ୍ରତିଦିନ ଏଥି ନିମନ୍ତେ ନିଜକୁ ପ୍ରସ୍ତୁତ କରାଇ ନେଉଥିଲେ। ଏଥିପାଇଁ ଖୁବ୍‌ଶୀଘ୍ର ଜଣେ ଭଲ ସନ୍ତରଣକାରୀଭାବେ ନିଜର ପରିଚୟ ସୃଷ୍ଟି କରିପାରିଲେ। ଫଳରେ ସ୍କୁଲ ତରଫରୁ ତାଙ୍କୁ ବିଭିନ୍ନ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବାର ସୁଯୋଗ ମିଳିଲା ଓ ସେ ସଫଳତାର ପାହାଚ ଚଢ଼ିବା ଆରମ୍ଭ କରିଥିଲେ। ଏହା ପରେ ରାଜ୍ୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ମଧ୍ୟ ପୁରସ୍କୃତ ହୋଇ ନିଜ ପ୍ରତିଭାର ପରିଚୟ ଦେଇ ପାରିଥିଲେ।

ଜଣେ କୁନି ସନ୍ତରଣକାରୀଭାବେ ତାଙ୍କର ଏଭଳି ଦକ୍ଷତା ପାଇଁ ତାଙ୍କୁ ଖୁବ୍ ଶୀଘ୍ର କଳିଙ୍ଗ ଷ୍ଟାଡିୟମ୍‌ର ଏଚ୍‌ପିସି (ହାୟର ପରଫର୍ମାନ୍ସ ସେଣ୍ଟର)ରେ ଭର୍ତ୍ତି ହେବାର ସୁଯୋଗ ମିଳିଥିଲା। ଏବେ ପ୍ରତିଦିନ ସେ ସକାଳେ ୨ ଘଣ୍ଟା ଓ ସନ୍ଧ୍ୟାରେ ୨ ଘଣ୍ଟାର ଅଭ୍ୟାସ କରୁଛନ୍ତି। ପ୍ରତିଦିନ ତାଙ୍କୁ ହାରାହାରି ୧୦ କିଲୋମିଟର ପହଁରିବା ଅଭ୍ୟାସ କରିବାକୁ ପଡୁଛି। ଏବେ ତାଙ୍କର ଖାଇବା ପିଇବା ଓ ବିଭିନ୍ନ ସ୍ଥାନକୁ ଖେଳିବାକୁ ଯିବାର ସମସ୍ତ ଖର୍ଚ୍ଚ ବହନ କରୁଛି ଏଚ୍‌ପିସି।

ଡିଏଭି ନ୍ୟାଶନାଲ ସ୍ପୋର୍ଟ୍ସ କ୍ଲଷ୍ଟର/ଜୋନାଲ ଟୁର୍ନାମେଣ୍ଟ ୨୦୨୫-୨୬ର ଅଣ୍ଡର ୧୪ କାଟାଗୋରିରେ ସେ ୪ଟି ଇଭେଣ୍ଟରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୨୦୦ ମିଟର ଫ୍ରି ଷ୍ଟାଇଲ, ୨୦୦ ମିଟର ଆଇଏମ୍, ୫୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍ ଓ ୧୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ସେ ଏହି ସଫଳତା ହାସଲ କରିଛନ୍ତି।






କୋମଲଙ୍କୁ ପ୍ରତିଦିନ ଭୋର ସାଢ଼େ ୪ଟାରୁ ଉଠି ପ୍ରସ୍ତୁତ ହେବାକୁ ପଡ଼େ। ଏହା ପରେ ମା’ ପ୍ରିୟଦର୍ଶିନୀ ତାଙ୍କୁ ନେଇ ସକାଳ ସାଢ଼େ ୫ଟା ବେଳକୁ ଷ୍ଟାଡିୟମରେ ପହଞ୍ଚାଇଥାନ୍ତି। ପ୍ରାକ୍ଟିସ୍ ପରେ ସେହିଠାରୁ ସିଧା ତାଙ୍କୁ ନେଇ ସ୍କୁଲରେ ଛାଡ଼ନ୍ତି। ଆଉ ପୁଣି ସ୍କୁଲରୁ ନେଇ କଳିଙ୍ଗ ଷ୍ଟାଡିୟମ୍‌ରେ ଅଭ୍ୟାସ ପାଇଁ ଛାଡ଼ନ୍ତି। କୋମଲ ଘରକୁ ଫେରନ୍ତି ରାତି ୯ଟା ବେଳକୁ। ଘରେ ପୁଣି ଘଣ୍ଟାଏ ପାଠ ପଢ଼ିବା ପରେ ଶୁଅନ୍ତି। ତେବେ ଏଭଳି ଏକ ରୁଟିନ୍ ଟାଇମ୍ ଭିତରେ କିନ୍ତୁ ସେ ଭଲ ପାଠ ପଢ଼ନ୍ତି। ପ୍ରାୟ ୯୦ରୁ ୯୫ ପ୍ରତିଶତ ମାର୍କ ରଖି ସେ ସ୍କୁଲରେ ଶିକ୍ଷକମାନଙ୍କର ପ୍ରିୟପାତ୍ରୀ ହୋଇ ପାରିଛନ୍ତି। ଗତବର୍ଷ ସେ ଡିଏଭି ସ୍କୁଲରେ ଅଲରାଉଣ୍ଡର ମଧ୍ୟ ହୋଇଥିଲେ। ସୁଇମିଂ ବ୍ୟତୀତ ସେ ନାଚ, ଡିବେଟ୍ ଓ ଶ୍ଳୋକ ଆବୃତ୍ତିରେ ବେଶ୍ ପାରଙ୍ଗମ। ଏସବୁ କ୍ଷେତ୍ରରେ ସେ ସ୍କୁଲର ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ସାର୍ଟିଫିକେଟ୍ ପାଇଛନ୍ତି। ଏତେ ସବୁ ଗୁଣର ଅଧିକାରୀ କୋମଲ କିନ୍ତୁ ନିଜର ସବୁ ସଫଳତା ପଛରେ ମା’ଙ୍କ ପ୍ରେରଣା ଥିବା କୁହନ୍ତି। ଭବିଷ୍ୟତରେ ଉଚ୍ଚଶିକ୍ଷା ସହିତ ସନ୍ତରଣକୁ ନିଜର କ୍ୟାରିୟର କରିବାକୁ ଇଚ୍ଛା ରଖିଛନ୍ତି।


**– ସସ୍ମିତା ନାୟକ**


# ପିଲାଙ୍କୁ ଫିଟ୍ ରଖେ ସୁଇମିଂ

**ବର୍ତ୍ତମାନ ଅଧିକାଂଶ ପିଲା ଆଉଟ୍‌ଡୋର ଗେମ୍ କମ୍ ଖେଳିବା, ଦୀର୍ଘସମୟ ଧରି ଇଲେକ୍ଟ୍ରୋନିକ୍ ଗ୍ୟାଜେଟ୍ ବ୍ୟବହାର କରିବା ଯୋଗୁ ସେମାନଙ୍କ ଠାରେ ଶାରୀରିକ ପରିଶ୍ରମ କମିଯାଉଛି ଏବଂ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଉପୁଜୁଛି। ଏମିତିରେ ପ୍ରତିଦିନ ସୁଇମିଂ କରିବା ଖୁବ୍ ଉପକାରୀ। କାରଣ ଏହା ଏଭଳି ଏକ ଏକ୍ସରସାଇଜ୍, ଯାହା ଶରୀରକୁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଫିଟ୍ ରଖିଥାଏ...**



- ପିଲାମାନେ ପ୍ରତିଦିନ କିଛି ସମୟ ପହଁରିବା ଅଭ୍ୟାସ କଲେ ଶରୀରରେ ରକ୍ତସଞ୍ଚାଳନ ଠିକ୍ ଭାବେ ହୋଇଥାଏ ଏବଂ ସେମାନଙ୍କ ହୃତ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍ ମଜଭୁତ ହୋଇଥାଏ। କେବଳ ଏତିକି ନୁହେଁ ଏହା ସେମାନଙ୍କ ଠାରେ ରୋଗପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିଥାଏ।
- ଏହାଦ୍ୱାରା ଶରୀର ଫୁର୍ତ୍ତି ହୋଇଥାଏ। ସମସ୍ତ ମାଂସପେଶୀ, ହାଡ଼ ଏବଂ ଜଏଣ୍ଟ ମଜଭୁତ ହୋଇଥାଏ। ଏହାଦ୍ୱାରା ପିଲାଙ୍କ ହଜମଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ।
- ବର୍ତ୍ତମାନ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଅଧିକ ଖାଇବା ସହ ଶାରୀରିକ ପରିଶ୍ରମର ଅଭାବ ଯୋଗୁ ଅଧିକାଂଶ ପିଲାଙ୍କ ଠାରେ ମେଦବହୁଳତା ଦେଖିବାକୁ ମିଳୁଛି। ହେଲେ ପ୍ରତିଦିନ ସୁଇମିଂ କଲେ ୱାକିଂ ତୁଳନାରେ ମେଦବହୁଳତା ହୋଇ ନ ଥାଏ ଏବଂ ଶରୀର ସ୍ଲିମ୍ ଫିଟ୍ ରହିଥାଏ।
- ପହଁରିବାବେଳେ ହାତ, ଗୋଡ ଚାଳନା ସହ ଶ୍ୱାସକ୍ରିୟାରେ ନିୟନ୍ତ୍ରଣ ଆଦିକୁ ବିଶେଷ ଧ୍ୟାନ ଦେବାକୁ ପଡିଥାଏ, ଯାହାଦ୍ୱାରା ସେମାନଙ୍କ ମସ୍ତିଷ୍କର ମଧ୍ୟ ଏକ୍ସରସାଇଜ୍ ହୋଇଥାଏ। ଏହାଦ୍ୱାରା ଏକାଗ୍ରତା ବୃଦ୍ଧି ପାଇଥାଏ, ମନ ଶାନ୍ତ ରହିଥାଏ, ସ୍ମରଣଶକ୍ତି ବଢିଥାଏ ଏବଂ ପିଲାଙ୍କୁ ମାନସିକ ଚାପଠୁ ଦୂରେଇ ରଖିଥାଏ। ଏହା ମାନସିକ ସ୍ୱାସ୍ଥ୍ୟ ଉପରେ ସକାରାତ୍ମକ ପ୍ରଭାବ ପକାଉଥିବାରୁ ରାତିରେ ନିଦ ଭଲ ଭାବେ ହୋଇଥାଏ ଏବଂ ପାଠ ଶୀଘ୍ର ମନେ ରଖିବା ସହଜ ହୋଇଥାଏ।
- ସର୍ବୋପରି ଏହାଦ୍ୱାରା ପିଲା ୱାଟର ସେଫ୍ଟି କୌଶଳ ଶିଖିଥାନ୍ତି, ଯାହାକି ଅସୁବିଧା ସମୟରେ ବହୁତ ସାହାଯ୍ୟ କରିପାରେ।


୧


୨




୩


୪


୫


୬


୭


**ଶୁଭମ୍ ଶେଖର ପରିଡ଼ା**
କ୍ଲାସ- ୪, ଦିଲ୍ଲୀ ସ୍କୁଲ ଅଫ୍ ଏକ୍ସିଲେନ୍ସ, ଆଟପୁର, ହାଇଦ୍ରାବାଦ
୧


**ଦମୟନ୍ତୀ ଟୁଡୁ**
କ୍ଲାସ-୪, ସରକାରୀ ଉଚ୍ଚ ବିଦ୍ୟାଳୟ, ଅଦାପାଳ, ମୟୂରଭଞ୍ଜ
୨


**ସୂର୍ଯ୍ୟାଂଶୁ ବସ୍ତିଆ**
କ୍ଲାସ- ୧, ମଦର୍ସ ପବ୍ଲିକ ସ୍କୁଲ, ବାଲିପାଟଣା, ଖୋର୍ଦ୍ଧା
୩


**ଜିନା ଚୌଧୁରୀ**
କ୍ଲାସ- ୮, ସରକାରୀ ୟୁପିସି, ରାମଗିରି, ଗଜପତି
୪


**ଶିବମ୍ ସୁବୁଦ୍ଧି**
କ୍ଲାସ- ୯, ମହାବିନାୟକ ବିଦ୍ୟାଳୟ, ବଡ଼ଚଣା, ଯାଜପୁର
୫


**ମାଷ୍ଟର ସାଇପ୍ରସାଦ ପଣ୍ଡା**
କ୍ଲାସ୍- ୭, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର
୬


**ଚେତନା ପାଢ଼ୀ**
କ୍ଲାସ-୩, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର
୭


**ଅଂଶୁମାନ ସାହୁ**
କ୍ଲାସ- ୮, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଅଙ୍କରାନ୍ତିପୁର, ଢେଙ୍କାନାଳ
୮


୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




# ସର୍ବଶ୍ରେଷ୍ଠ କ୍ଲାପର

ବିଭିନ୍ନ ସମୟରେ ଆମର ତାଳି ମାରିବାର ଅନୁଭୂତି ରହିଛି। କେବେ ଅଭିନନ୍ଦନ ପାଇଁ ତ କେବେ ଖୁସିରେ ଅବା କେବେ ଉତ୍ସାହିତ କରିବା ପାଇଁ ଲୋକେ ତାଳି ମାରନ୍ତି। କିନ୍ତୁ ଏପରି ତାଳି ମାରି କେତେକ ରେକର୍ଡ ବି କରିପାରନ୍ତି। ଏହାର ଏକ ଉଦାହରଣ ହେଉଛନ୍ତି ଆମେରିକାର ଡାଲଟନ୍ ମେୟର। ଜାଣିଲେ ହୁଏତ ଆଶ୍ଚର୍ଯ୍ୟ ଲାଗିବ କି ମାତ୍ର ଏକ ମିନିଟ୍‌ରେ ସେ ୧,୧୪୦ ଥର ତାଳି ମାରି ପାରୁଥିବାରୁ ତାଙ୍କୁ ଗିନିଜ୍ ରେକର୍ଡରେ ସ୍ଥାନ ମିଳିଛି। ଏକ ମିନିଟରେ ଏତେ ଥର ତାଳି ମାରିବା ପାଇଁ ସେ ବହୁ ପୂର୍ବରୁ ଅଭ୍ୟାସ କରୁଥିଲେ। ସ୍କୁଲରେ ପଢ଼ିବା ସମୟରେ ସେ ଗିନିଜ୍ ରେକର୍ଡ ବିଷୟରେ ଜାଣିବାକୁ ପାଇଥିଲେ। ଶୀଘ୍ର ଶୀଘ୍ର ତାଳି ମାରିବା ପାଇଁ ତାଙ୍କୁ ବହୁତ ଭଲ ଲାଗୁଥିଲା। ତେଣୁ ଏହି କାମକୁ ସେ ଅଭ୍ୟାସରେ ପରିଣତ କରି ଦେଇଥିଲେ। ତାଙ୍କର ଏହି ଅଭ୍ୟାସ ତାଙ୍କୁ ଧୀରେ ଧୀରେ ଏକ ପରିଚୟ ଦେଇ ପାରିଥିଲା। ବିଶ୍ୱର ସର୍ବଶ୍ରେଷ୍ଠ କ୍ଲାପର (ତାଳିମାରୁଥିବା ବ୍ୟକ୍ତି) ଭାବେ ୨୦୨୨ ମାର୍ଚ୍ଚ ୧୨ ତାରିଖରେ ସେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଥିଲେ।

## କବିତା



## ବହି ମେଳା

ତୋରଣ ପଛେ ଧାଡ଼ିକି ଧାଡ଼ି
ବହି ପସରା ଥୁଆ
ଭାଷା ଗଣିତ ବିଜ୍ଞାନ ଧର୍ମ
ବହି ପୁରୁଣା ନୂଆ।
କୃଷି କାହାଣୀ ଧନ୍ଦା ପ୍ରୋଜେକ୍ଟ
କାର୍ଟୁନ ଇତିହାସ
ଗପ ନାଟକ ଗୀତ ପ୍ରବନ୍ଧ
ଧରମ ଭାଷାକୋଷ।
ଖୋଜି ପାଇବା ହାତେ ଗଢ଼ିବା
ନୂତନ ଆବିଷ୍କାର
କଉଶଳରେ ସନ୍ଧାନୀ ସାଜି
ଭ୍ରମ କରିବା ଦୂର।
ଭାଷଣ ଡ୍ରଇଂ ବ୍ୟଙ୍ଗ ଚିତ୍ର
କୃତ୍ରିମ ବୁଦ୍ଧିମତ୍ତା
ମନର ଆଶା ପୂରଣ କରି
ବଢ଼ାଏ ସରସତା।
ସମୟ ଶକ୍ତି ମାରା କରେନି
ବୁଲିଲେ ବହି ମେଳା
ନାଶ କରଇ ଅଳସବ୍ୟାଧି
ଅଜ୍ଞାନ ଅବହେଳା।

– ମହେନ୍ଦ୍ର କୁମାର ଘଡ଼େଇ
ମୋ: ୯୪୩୭୭୪୦୫୬୬

## ଶୀତର ଗୀତ

ହିମଋତୁ ମଗୁଶିର ମାସରେ
ପାହାନ୍ତି କାକର ଦୁବ ଘାସରେ
ଧାନ କ୍ଷେତ ଦେଖି ହସୁଛି ଚାଷୀ
ବାସୁମତି ଧାନ ଯାଉଛି ବାସି।
ସଞ୍ଜ ନଇଁଗଲେ ଦେଖେଇ ଠାଣି
ଶୀତ ମାଉସୀ ତା' ଓଢ଼ଣି ଟାଣି
ଲୁଚିଥିଲା ଯିଏ ସୁରୁଜ ଡ଼ରେ
ପାଦ ଚିପିଚିପି ପଶିଲା ଘରେ।
ସାଇ ସାଇନାକୁ କୋଲେଇ ନେଲା
ଗୋଡ଼ ହାତ ମୁହଁ ଜଡ଼େଇ ଦେଲା
ଗରମ ପୋଷାକ ହୋଇଲା ଖୋଜା
ମୁଣ୍ଡେ ଟୋପି ଗୋଡ଼ ହାତରେ ମୋଜା।
ବଢ଼ିଲା ଗରମ ଖାଦ୍ୟ ଆଦର
କେଜେଜମା' ଖୋଜିଲେ ଶୀତ ଚାଦର
ପାଣିକୁ ଛୁଇଁଲେ ମାଡ଼ିଲା ଡର
ସଞ୍ଜ ସକାଳରେ ନିଆଁ ନିଜର।
ଏଇ ମାସେ ଧାନ ମାଣିକା ବସେ
ପନିପରିବାରେ ବଗିଚା ହସେ
ଶୀତଋତୁ ଅଟେ ଜଗତ ମିତ
ଶୀତ ପାଇଁ ପଦେ ଗାଇବା ଗୀତ।

– ଜଗଦୀଶ ସାହୁ
ମୋ: ୯୦୭୮୧୮୫୬୧୬

## ବଜାରେ ଭିଡ଼

ବଜାରେ ଭିଡ଼ ଶୀତ ପୋଷାକ
ଦେଖାଏ ତା'ର ଭାଉ,
ଟାଣି ଆଣୁଛି ସଭିଙ୍କୁ ପାଖେ
ଯେମିତି ମିଠା ମହୁ।
ଜାତି ଜାତିକା ଶୀତ ପୋଷାକ
ଆସିଛି ବହୁଦୂରୁ,
ସୁରକ୍ଷା ପାଇଁ କିଣି ନେଲେଣି
ଟଙ୍କା ପଛକେ ସରୁ।
ଦେହକୁ ଦିଏ ସୁରକ୍ଷା ସିଏ
କଅଁଳ ତାତି ପରି,
ମନେ ହୁଅଇ ସଇନ ବଳ
ବସିଛି ଜଗିକରି।
ପଶୁ ଲୋମରୁ ତିଆରି ସେ ତ
ଜ୍ଞାନ କୌଶଳ ବଳେ,
ପ୍ରତି ବରଷ ଶୀତ ମାସରେ
ମେଳା ତାହାର ପଡ଼େ।
ପିନ୍ଧିଲେ ଶୀତ ପୋଷାକଟିଏ
ଦିଶଇ ଆକର୍ଷଣ,
ଥଣ୍ଡା ଜ୍ୱରରୁ ମୁକତି ମିଳେ
ଦେହକୁ ହିତ ଜାଣ।

– ସୁଜିତ କୁମାର ମିଶ୍ର
ମୋ: ୭୬୮୩୮୬୬୭୪୨

## ଏଥରର ?

- ପ୍ରସିଦ୍ଧ ଗାୟିକା ଓ ଅଭିନେତ୍ରୀ ଷ୍ଟେଫାନୀ ଜର୍ମାନୋଟା କେଉଁ ନାଁରେ ଅଧିକ ଲୋକପ୍ରିୟ ?
- 'ଅନ୍ ଦି ଅରିଜିନ୍ ଅଫ୍ ସ୍ପେସିଜ୍' କିଏ ଲେଖିଛନ୍ତି ?
- କେଉଁ ସହରକୁ 'ଦି ଇଟରନାଲ୍ ସିଟି' କହନ୍ତି ?
- କିଲିମାଞ୍ଜାରୋ ପର୍ବତ କେଉଁ ଦେଶରେ ଅବସ୍ଥିତ ?
- ଆମେରିକା ଆରିଜୋନାର ଗ୍ରାଣ୍ଡ କାନ୍ୟୋନ୍ ମଧ୍ୟ ଦେଇ କେଉଁ ନଦୀ ପ୍ରବାହିତ ?

## ଗତଥରର ଉତ୍ତର

- ମହୁ
- ମେଣ୍ଢା
- ଆଲବର୍ଟ ଆଇନ୍‌ଷ୍ଟାଇନ୍
- ଜୁଲାଇ
- ୨୦୦୭

## କହିଲ ଦେଖି



କୋଉଠି ଥିଲା କିଏ ଜାଣିଛି
ଆକାଶ ଛାତିରୁ ଖସିଲା
ମୁକୁତା ପରି ବୁନ୍ଦାବୁନ୍ଦା ହୋଇ
ଘାସ ପତରରେ ବସିଲା
ସୂରୁଯ କିରଣ ପଡ଼ିଲା ପରେ
ଚକ ଚକ ହୋଇ ଦିଶିଲା
କହିଲ ଦେଖି କିଏ ଜାଣିଛି
ଉତ୍ତର ତୁମକୁ ଲାଗିଲା ?

**ଉତ୍ତର: କାକର**



ଗରମ ଦିନେ ପେଡ଼ିରେ ପଶେ
ଶୀତ ପଡ଼ିଲେ ବାହାରେ
ଦେହ ମୁଣ୍ଡକୁ ଉଷୁମ ଦିଏ
ପିନ୍ଧିଲେ ତାକୁ ଦେହରେ
କହିଲ ଦେଖି କିଏ
ପାଖରେ ଥିଲେ ଥରେନି ଦେହ
ଶୀତ ଦୂରେଇ ଦିଏ ?

**ଉତ୍ତର: ଶୀତବସ୍ତ୍ର**




ଶାଢ଼ି ହେଉ କି କମ୍ବଳ ହେଉ
ନୂଆ ହେଉ କି ପୁରୁଣା
ଛୁଞ୍ଚି ସୂତାରେ ସିଲେଇ ହୋଇ
ତିଆରି ହୁଏ ବିଛଣା
ଆଗ କାଳର ସେ ଘରଣୀ
ଘୋଡ଼େଇ ହୁଅ କି ପାରିକି ଶୁଅ
ଆରାମ ଦିଅଇ ସେ ଆଣି
କହିଲ ଦେଖି ନାଆଁଟି
ବିଛଣାରେ ସେ ଥାଏଟି ?

**ଉତ୍ତର: କନ୍ଥା**

– ମୋହନ କୁମାର ସ୍ୱାଇଁ
ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮






# ଦୀର୍ଘତମ ଜାତୀୟ ରାଜପଥ

ଭାରତର ଅନେକ ଜାତୀୟ ରାଜପଥ (ଏନଏଚ) ରହିଛି। କିନ୍ତୁ ଏପରି ଏକ ଜାତୀୟ ରାଜପଥ ବିଷୟରେ ସୂଚନା ଦେଉଛୁ ଯାହା ଦୀର୍ଘତମ ଜାତୀୟ ରାଜପଥ (ଲଙ୍ଗେଷ୍ଟ ନ୍ୟାଶନାଲ ହାଇୱେ) ଭାବରେ ଜଣାଶୁଣା। ଏହି ଜାତୀୟ ରାଜପଥ (ଏନଏଚ-୪୪) ଜମ୍ମୁ କଶ୍ମୀରର ଶ୍ରୀନଗରରୁ ଆରମ୍ଭ ହୋଇ ତାମିଲନାଡୁର କନ୍ୟାକୁମାରୀ ପର୍ଯ୍ୟନ୍ତ ବ୍ୟାପ୍ତ। ଏହାର ଲମ୍ବ ପାଖାପାଖି ୪,୧୧୨ କିଲୋମିଟର, ଯାହା ଭାରତର ଉତ୍ତର ଦିଗରୁ ଆରମ୍ଭ ହୋଇ ଦକ୍ଷିଣ ପର୍ଯ୍ୟନ୍ତ ରହିଛି। ଏହି ଜାତୀୟ ରାଜପଥଟି କଶ୍ମୀର, ପଞ୍ଜାବ, ହରିୟାଣା, ଦିଲ୍ଲୀ, ଉତ୍ତରପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ନାଟକ ଏବଂ ତାମିଲନାଡୁକୁ ଯୋଡିଥାଏ।

## କାହାକୁ କୁହାଯାଏ




ପୃଥିବୀର ସବୁଠୁ ବଡ ସମ୍ବିଧାନ....... ଭାରତୀୟ ସମ୍ବିଧାନ
ଭାରତର ଜାତୀୟ ବୃକ୍ଷ................ ବରଗଛ
ହସାଉଥିବା ଗ୍ୟାସ୍ .................... ନାଇଟ୍ରସ୍ ଅକ୍ସାଇଡ୍
ହୀରାର ସନ୍ଧାନ ପ୍ରଥମେ
କେଉଁ ଦେଶ କରିଥିଲା.................. ଭାରତ
ପୃଥିବୀର ସବୁଠାରୁ ବଡ ଫୁଲ........... ରାଫ୍ଲେସିଆ
ଭାରତର ଜାତୀୟ ମିଠା ................ ଜିଲାପି



# ସହଜେ ମରେନି

ବିଶ୍ୱରେ ଏମିତି ଏକ ପ୍ରାଣୀ ରହିଛି ଯିଏକି ନିଜ ବୟସ ତୁଳନାରେ ଅଧିକ ବର୍ଷ ବଞ୍ଚି ରହୁଥିବାର ଦେଖିବାକୁ ମିଳିଥାନ୍ତି । ଉକ୍ତ ପ୍ରାଣୀଟି ହେଲା ତୁରିଟୋପୋସିସ୍ ଦୋହରିନ୍ ଯାହାକୁ ସାଧାରଣ ଭାଷାରେ ଅମର ଜେଲିଫିସ୍ କୁହାଯାଏ। ଏହାର ଜୀବନଶୈଳୀ ଅନ୍ୟ ପ୍ରାଣୀମାନଙ୍କ ଠାରୁ ବିଲକୁଲ୍ ଅଲଗା। ଏହି ପ୍ରଜାତିର ଜେଲିଫିସ୍‌ଟିର ଆକାର ବହୁତ ଛୋଟ ହୋଇଥାଏ । ଏମାନେ ବାସ୍ତବିକ ରୂପରେ କେବେ ମରନ୍ତି ନାହିଁ। ଯେ ପର୍ଯ୍ୟନ୍ତ କୌଣସି ଶିକାରୀ କିମ୍ବା କୌଣସି ରୋଗ ନ ହୋଇଛି ସେ ପର୍ଯ୍ୟନ୍ତ ଏମାନେ ଜୀବିତ ରୁହନ୍ତି। ବୈଜ୍ଞାନିକ ମତରେ ଟ୍ରାନ୍ସଡିଫରେନ୍ସିଏଶନ୍ ନାମକ ପ୍ରକ୍ରିୟା ଯୋଗୁ ଶରୀରର କୋଶିକାକୁ ପୁର୍ନଗଠିତ ହୋଇଥାଏ। ଯାହାଫଳରେ ଏମାନେ ପରମ୍ପରାଗତ ବୟସ ବଢ଼ିବା ପ୍ରକ୍ରିୟାଠାରୁ ନିଜକୁ ରକ୍ଷା କରିଥାନ୍ତି।



**ଶୁ**ଆ ଏକ ଏପରି ପକ୍ଷୀ ଯାହା ବୁଦ୍ଧିମାନ ହେବା ସହିତ ସାମଜିକ ଜୀବ ଭାବେ ଜଣାଶୁଣା। ଶୁଆଙ୍କର ଜୀବନକାଳ ୮୦ ବର୍ଷ ପର୍ଯ୍ୟନ୍ତ ହୋଇଥାଏ। କାକାପୋ ପ୍ରଜାତିର ଶୁଆ ଉଡିପାରନ୍ତି ନାହିଁ । ଏମାନେ ରାତିରେ ଅଧିକ ସକ୍ରିୟ ହୋଇଥାନ୍ତି। ଏମାନେ ଖାଦ୍ୟରେ ଫୁଲ ଫଳ ଆଦି ଖାଇଥାନ୍ତି । ଏହି ପ୍ରଜାତିର ଶୁଆ ପ୍ରାୟତଃ ପେଚା ପରି ଦୃଶ୍ୟମାନ ହୋଇଥାନ୍ତି। ଏହାର ସାଇଣ୍ଟିଫିକ୍ ନାମ ଷ୍ଟ୍ରିଗୋପ୍ସ ହାବ୍ରୋଟିଲସ୍। କାକାପୋ ପ୍ରାୟତଃ ନ୍ୟୁଜିଲାଣ୍ଡରେ ଦେଖିବାକୁ ମିଳିଥାନ୍ତି। ଏହି ପ୍ରଜାତିର ଶୁଆ ଲୁପ୍ତ ହେବାକୁ ଲାଗିଲେଣି। ଏମାନେ ଉଡି ପାରନ୍ତିନି ସତ କିନ୍ତୁ ଗଛ ଚଢ଼ାରେ ବେଶ୍ ମାହିର୍। ଅନ୍ୟ ପ୍ରଜାତି ତୁଳନାରେ ଏମାନଙ୍କର ଓଜନ ଅଧିକ ହୋଇଥାଏ।

# ଉଡି ପାରୁ ନ ଥିବା ଶୁଆ



# ଥା ଇ ନା



ଜି.ଏସ୍. ସାଙ୍ଗଭୀ
● ୫ ବର୍ଷ/ ଭୁବନେଶ୍ୱର



ଦିବ୍ୟରଞ୍ଜନ ସାହୁ
୯ ବର୍ଷ/ ଗୁଣପୁର